ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ, ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.-୩୭ | ପାଣିପାଗ ଜନିତ କୃଷି ଉପଦେଶ | ତାରିଖ – ୧୧.୦୯.୨୦୧୮

## ଜିଲ୍ଲା- ନବରଙ୍ଗପୁର (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ)

## ଆସନ୍ତା ପାଞ୍ଚ ଦିନର (୧୨.୦୯.୨୦୧୮ ଠାରୁ ୧୬.୦୯.୨୦୧୮) ପାଣିପାଗର ପୂର୍ବାନୁମାନ

(ଏମ.ସି.,ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଅତି ସ୍ୱଳ୍ପ ରୁ ମଧ୍ୟମ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ମୁଖ୍ୟତ ମେଘୁଆ ରହିବ। ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଦିନର ସର୍ବାଧିକ ତାପମାତ୍ରା ୩୨ ରୁ ୩୪ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୨୩ ରୁ ୨୪ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି । ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୮୦ ରୁ ୯୦ ଭାଗ ଏବଂ ୪୨ ରୁ ୫୧ ଭାଗ ରହିବାର ସମ୍ଭାବନା ଅଛି ।

| ତାରିଖ | ୧୨.୦୯.୧୮ | ୧୩.୦୯.୧୮ | ୧୪.୦୯.୧୮ | ୧୫.୦୯.୧୮ | ୧୬.୦୯.୧୮ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୫ | ୧୦ | ୨ | ୨ | ୫ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୩ | ୩୪ | ୩୪ | ୩୨ | ୩୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୪ | ୨୪ | ୨୪ | ୨୩ | ୨୪ |
| ମେଘାଛନ୍ନ | ୭ | ୫ | ୬ | ୭ | ୫ |
| ସର୍ବାଧିକ ଆର୍ଦ୍ରତା (%) | ୮୬ | ୯୦ | ୮୨ | ୮୦ | ୮୨ |
| ସର୍ବନିମ୍ନ ଆର୍ଦ୍ରତା (%) | ୫୧ | ୪୯ | ୪୨ | ୪୩ | ୪୨ |
| ପବନର ବେଗ (କି.ମି./ଘଣ୍ଟା) | ୮ | ୮ | ୮ | ୭ | ୭ |
| ପବନର ଦିଗ (ଡିଗ୍ରୀ) | ୨୪୫ | ୨୫୪ | ୨୫୧ | ୨୬୭ | ୨୮୦ |

## ପାଣିପାଗ ଭିତିକ କୃଷି ଉପଦେଶ

- କୀଟନାଶକ ଔଷଧ ପାଗ ଦେଖିକି ସିଂଚନ କରନ୍ତୁ ।
- ଉଚ୍ଚ ଜମି ଫସଲରେ ଅତ୍ୟଧିକ ପାଣି ବାହାର କରିବା ପାଇଁ ଜଳନିକାସ ନଳା ଖୋଲା ରଖନ୍ତୁ ।

ଖରିଫ ଧାନ:

- ଉଚ୍ଚ ବୁଣା ଧାନ ଜମିରେ କୃଷକ ଭାଇମାନେ ଦ୍ୱିତୀୟ ଓ ସେଷଥର ଘାସ ବାଛିବା ପରେ ଏକର ପିଛା ୧୩ କି.ଗ୍ରା. ୟୁରିୟା ପିଲସାର ଭାବେ ପ୍ରୟୋଗ କରନ୍ତୁ । ମଝିଆଳି ଓ ଖାଲ ଜମିରେ ସିଧା ବୁଣା ଧାନ ୩ ସପ୍ତାହର ହୋଇୟାଇଥିଲେ ବେଉଷଣ କରନ୍ତୁ, ଏହି ସମୟରେ ଏକର ପିଛା ୩୫ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।
- ରୁଆ ଧାନ ଜମି ୨୧ ଦିନର ହୋଇୟାଇଥିଲେ ଏକର ପିଛା ୩୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ ଏବଂ ଜମିରେ ୨ ଦିନ ପାଣି ବାନ୍ଧି ରଖନ୍ତୁ ।
- ପତ୍ର ମୋଡା ପୋକ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ଡେଲ୍ଟାମେଥ୍ରିନ + ଟ୍ରାଯାଜଫସ୍ ମିଶାଇ ସିଂଚନ କରନ୍ତୁ ।
- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆ ଧାନ ଜମିରେ ପ୍ରତି ଏକର ପିଛା ୪ ଟି ହିସାବରେ ଫେଡ଼ୋମୋନ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ପ୍ରତି ୧୫ ଲିଟର ପାଣିରେ ୪.୫ ମି.ଲି. କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% SC ମିଶାଇ ସିଞ୍ଚନ କରନ୍ତୁ ।

ମକା:

- ଜମିରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଗଲେ ଟ୍ରାୟାଜଫସ ୪୦% EC ପ୍ରତି ଲିଟର ପାଣିରେ ୨ ମି.ଲି ସିଞ୍ଚନ କରନ୍ତୁ ।
- ବର୍ତ୍ତମାନ ପାଗରେ ଜଉ ପୋକର ପ୍ରାଦୁର୍ଭାବ ଦେଖାଯାଏ । ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ ୩୦% EC ସିଞ୍ଚନ କରନ୍ତୁ ।

ପନିପରିବା ଫସଲ:

- ତଳି ଏବଂ ମୁଖ୍ୟ ଫସଲରେ ମୂଳ ପଚା ରୋଗ ଦେଖାଦେବାର ସମ୍ଭାବନା ଅଛି, ଏହା ଦାଉରୁ ରକ୍ଷା କରିବା ପାଇଁ ପ୍ରତି ଲିଟର ପାଣିରେ ୪ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରିକି ମାଟି ଭଲଭାବେ ଭିଜିପାରିବ ।
- ବର୍ତ୍ତମାନ ପାଗରେ ପନିପରିବା ଫସଲରେ ଚିତ୍ତରୋଗ (ବ୍ଲାଇଟ) ଦେଖାଦେବାର ସମ୍ଭାବନା ଥାଏ । ନିୟନ୍ତ୍ରଣ କରିବା ପାଇଁ ମେନକୋଜେବ ୭୫% WP ୨ ଗ୍ରା./ଲିଟର ପାଣିରେ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତ୍ତୀ କେ.ଭି.କେ ବୈଜ୍ଞାନିକ ଓ ରାଜ୍ୟର କୃଷି ଅଫିସର ସହିତ ସମ୍ପର୍କ କରନ୍ତୁ।

---

ଡଃ. କେଦାରଶ୍ୱର ପ୍ରଧାନ
(ନୋଡ଼ାଲ ଅଫିସର)